# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୩.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀ ଶିବ ନାରାୟଣ ରାୟ,
୩. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୪. ଶ୍ରୀମତୀ ଇତିଶ୍ରୀ ଦାସ,
୫. ଶ୍ରୀମତୀ ଗୀତାଞ୍ଜଳୀ ସାହୁ

ଅଦ୍ୟ ତା ୧୮.୦୩.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଗୃହ ନିର୍ମାଣ କରିବା ପାଇଁ ପ୍ଲାନ୍ ଅନୁମୋଦନ ନିମନ୍ତେ ଜନସାଧାରଣ ଆବେଦନ କରୁଛନ୍ତି, କିନ୍ତୁ ଠିକ୍ ସମୟରେ ପ୍ଲାନ୍ ଅନୁମୋଦନ ନହେବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଫାଇଲ୍ ଡ଼ିସ୍ପୋଜାଲ୍ କରିବା ପାଇଁ କର୍ପୋରେସନରେ ନିଷ୍ପତି ନିଆଯାଇଥିଲା, କିନ୍ତୁ ପ୍ଲାନିଂ ଉପବିଭାଗ ଏହାକୁ ଠିକ୍ ଭାବରେ ପାଳନ କରୁନାହିଁ । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ପଡୁଥିବା ପଲିଥିନ୍‌କୁ ଗାଈ, ଗୋରୁ ଓ ଷଣ୍ଢ ଖାଇ ରୋଗଗ୍ରସ୍ତ ହେଉଛନ୍ତି ଏବଂ ସେଗୁଡ଼ିକ ନାଳ ନର୍ଦ୍ଦମାରେ ପଡୁଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ । ନିଗମାଂଚଳରେ ପଲିଥିନ୍ ବ୍ୟବହାର ନିଷିଦ୍ଧ କରିବା ପାଇଁ ପୂର୍ବରୁ କର୍ପୋରେସନରେ ନିଷ୍ପତି ହୋଇଥିଲା, ତେଣୁ ପଲିଥିନ୍ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ପାର୍କ ଗୁଡ଼ିକ ମଧ୍ୟରୁ କେତେ ଗୁଡ଼ିଏ ପାର୍କରେ ପାଣି, ଆଲୋକ, ପିଲାଙ୍କ ପାଇଁ ଖେଳ ଉପକରଣ ଖରାପ ହୋଇଯାଇଥିବାରୁ ଏବଂ କେତେକ ପାର୍କରେ ଆଦୌ ନଥିବାରୁ ଶିଶୁ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ଏପ୍ରିଲ୍-୧୫ ତାରିଖ ସୁଧା ପାର୍କ ଗୁଡ଼ିକର ଉକ୍ତ କାର୍ଯ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧୨.୩୫ ଟିକା ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୮.୦୩.୨୦୨୩ ରିଖ